ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ସା./ପୋ.- ଘଟଗାଁ, ଜି.- କେନ୍ଦୁଝର- ୭୫୮୦୨୭ (ଓଡ଼ିଶା)
ଫୋନ୍ - ୦୬୭୩୩-୨୨୧୦୦୧

MAA TARINI THAKURANI TEMPLE TRUST
AT./PO.- GHATAGAON, DIST.- KEONJHAR-PIN - 758027 (ODISHA)
PHONE : 06733-221001

ଚିଠି ନଂ. Letter No.: ୨୮ ତାରିଖ Date: ୧୨/୦୭/୨୦୧୪

## ସିକ୍ୟୁରିଟି ଗାର୍ଡ଼ ନିମନ୍ତେ ଟେଣ୍ଡର ବିଜ୍ଞାପନ

ଏତଦ୍ୱାରା ସିକ୍ୟୁରିଟି ଗାର୍ଡ଼ ସଂସ୍ଥା ପରିଚାଳକମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି ୨୦୧୪-୧୫ ବର୍ଷ ପାଇଁ ସିକ୍ୟୁରିଟି ଗାର୍ଡ଼ ନିମନ୍ତେ ଶିଲମୁଦ ଟେଣ୍ଡର କରାଯିବ । ଏଣୁ ଇଚ୍ଛୁକ ସଂସ୍ଥା ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ କ୍ରୟ ବାବଦକୁ ଟ୫୦୦/- (ପାଞ୍ଚଶହ)ଟଙ୍କା ନଗଦ ଦାଖଲ କରି ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ । ସରକାରୀ ଛୁଟି ଦିବସ ବ୍ୟତିତ କାର୍ଯ୍ୟ ଦିବସରେ ଦିବା ୧୦ଘ. ରୁ ୧ଘ. ଓ ଅପରାହ୍ନ ୩ଘ. ରୁ ୫ଘ. ମଧ୍ୟରେ ତା ୧୫/୭/୨୦୧୪ ଠାରୁ ତା ୨୦/୭/୨୦୧୪ ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ । ଟେଣ୍ଡର ସମ୍ବନ୍ଧୀୟ ନିୟମାବଳୀ ଓ ଅନ୍ୟାନ୍ୟ ତଥ୍ୟ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ଆସି ବୁଝିପାରିବେ । ପରିଚାଳନା କମିଟି ଚାହିଁଲେ ବିନାକାରଣରେ ଏହି ଟେଣ୍ଡର ବାତିଲ ବା ପରିବର୍ତ୍ତନ କରିପାରିବେ । ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ www.maatarini.nic.in ୱେବ୍‌ସାଇଟ୍‌ରେ ଦେଖିପାରିବେ ।

| ଟେଣ୍ଡର ଗ୍ରହଣ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ |
|---|---|
| ତା ୨୧/୦୭/୨୦୧୪ ଦିବା ୧୦ ଘଟିକା | ତା ୨୧/୦୭/୨୦୧୪ ଦିବା ୧୧ ଘଟିକା |

| କ୍ର.ନଂ. | ଟେଣ୍ଡରର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଦେୟ |
|---|---|---|---|
| ୧. | ସିକ୍ୟୁରିଟି ଗାର୍ଡ଼(ପୁରୁଷ) | ଟ୧୬,୪୮,୦୦୦.୦୦ | ଟ୧,୬୪,୮୦୦/- |

ଉପଜିଲ୍ଲାପାଳ, କେନ୍ଦୁଝର-ତଥା-ସଭାପତି
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ,
ଘଟଗାଁ, କେନ୍ଦୁଝର ।

P.T.O.

# ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ

ଗା/ପୋ.ଅ-ଘଟଗାଁ, ଜିଲ୍ଲା-କେନ୍ଦୁଝର (ଓଡ଼ିଶା)

## ସିକ୍ୟୁରିଟି ଗାର୍ଡ଼ ନିମନ୍ତେ ଟେଣ୍ଡର ନିୟମାବଳୀ ୨୦୧୪-୧୫

୧- ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନ ଅନୁଯାୟୀ ମନ୍ଦିରରେ ନିଯୁକ୍ତ ଥିବା ସଦସ୍ୟଙ୍କ ଆତ୍ମୀୟ/ସଂପର୍କୀୟ/ଉତ୍ତରାଧିକାରୀ ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ ନାହିଁ ।

୨-ଅମାନତ ରାଶି ଦେୟ "ମା ତାରିଣୀ ଠାକୁରାଣୀ, ଘଟଗାଁ" ଙ୍କ ନାମେ ବ୍ୟାଙ୍କଡ୍ରାଫ୍ଟ ଆକାରରେ କରି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ । ବ୍ୟାଙ୍କଡ୍ରାଫ୍ଟ ପଛପାର୍ଶ୍ୱରେ ଆବେଦନକାରୀ ପୁରା ଦସ୍ତଖତ କରିବେ । ଯାହାଙ୍କ ନାମେ ଟେଣ୍ଡର ସ୍ଥିର ହେବ ଟେଣ୍ଡର ଅବଧି ସମାପ୍ତ ପରେ ମନ୍ଦିର କର୍ତ୍ତୃପକ୍ଷଙ୍କ ଠାରୁ ନୋ ଅବ୍‌ଜେକ୍‌ସନ ସାର୍ଟିଫିକେଟ୍ ଦେବା ପରେ ତାଙ୍କର ଅମାନତ ରାଶି ଫେରସ୍ତ ପାଇବେ ।

୩-ପୂର୍ବରୁ ଦାଖଲ କରିଥିବା ଅମାନତ ରାଶି ଏହି ଟେଣ୍ଡର ପ୍ରକ୍ରିୟାରେ ଆଡ଼ଜଷ୍ଟମେଣ୍ଟ ହେବନାହିଁ ।

୪-ଟେଣ୍ଡର ଅବଧି ମଧ୍ୟରେ ମନ୍ଦିର ପ୍ରଶାସନ ଆବଶ୍ୟକତା ଅନୁଯାୟୀ ନେଉଥିବା ପଦକ୍ଷେପ ଟେଣ୍ଡରଧାରୀ କୌଣସି ଆପତ୍ତି କରିପାରିବେ ନାହିଁ । ଭକ୍ତ ମାନଙ୍କ ଶୃଙ୍ଖଳାଗତ ପୂଜା ବା ଦର୍ଶନ ପାଇଁ ମନ୍ଦିର ପ୍ରଶାସନର ନିଷ୍ପତ୍ତି ଚୂଡ଼ାନ୍ତ ଓ ନୀୟମାବଳୀରେ ଆବଶ୍ୟକୀୟ ସଂଶୋଧନ ବା ପରିବର୍ତ୍ତନ କରିପାରିବେ ।

୫-ଯାହାଙ୍କ ନାମେ ଟେଣ୍ଡର ଆଦେଶ ସ୍ଥିର ହେବ ସେ ଟେଣ୍ଡର ଚୂଡ଼ାନ୍ତ ହେବା ଦିନ ଠାରୁ ୫ଦିନ ଭିତରେ ସ୍ଥାନୀୟ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ଏକ ଚୁକ୍ତିନାମା ଆଫିଡେଭିଟ୍ କରି ଅତ୍ର କାର୍ଯ୍ୟାଳୟରେ ପ୍ରଦାନ କରିବେ ।

୬-ମନ୍ଦିର ବିରୁଦ୍ଧରେ ଆଇନ୍‌ର ଆଶ୍ରୟ ନେଇଥିବା ବ୍ୟକ୍ତି ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ ନାହିଁ ।

୭- ଟେଣ୍ଡର ଆବେଦନକାରୀ ଯେଉଁମାନଙ୍କୁ ଏହି କାର୍ଯ୍ୟପାଇଁ ରଖିବେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା, ଜାତିଗତ ପ୍ରମାଣପତ୍ର, ବନ୍ଧୁକ ଲାଇସେନ୍ସ ଓ ଫଟୋ ପରିଚୟ ପତ୍ରର ଜେରକ୍ସ କପି ପ୍ରଦାନ କରିବେ । ଏହି କାର୍ଯ୍ୟରେ ନିୟୋଜିତ ବ୍ୟକ୍ତି ପାନ, ତମାଖୁ, ଗୁଟ୍‌ଖା, ଖଇନି ଓ କୌଣସି ପ୍ରକାର ନିଶାଦ୍ରବ୍ୟ ସେବନ କରୁନଥିବେ, ଶରୀର ସୁସ୍ଥବାନ ହେବା ସହିତ ସଂକ୍ରମିତ ରୋଗର ଆକ୍ରାନ୍ତ ହୋଇନଥିବାର ଡାକ୍ତରୀ ସାର୍ଟିଫିକେଟ ପ୍ରଦାନ କରିବେ । ଟେଣ୍ଡର ଅବଧି ପୂର୍ବରୁ ଏସମସ୍ତ କାଗଜାତ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରେ ଦାଖଲ କରିବେ । ଏଥିରେ ଖିଲାପ କଲେ ଟେଣ୍ଡର ନାକଚ କରାଯାଇ ସିକ୍ୟୁରିଟି ଅର୍ଥ ବାଜ୍ୟାପ୍ତ କରାଯିବା ସହିତ ଥାନାରେ ଏତଲା ରୁଜୁ କରାଯିବ ।

୮- ସରକାରଙ୍କ କ୍ଷମତାପ୍ରାପ୍ତ ବିଭାଗଦ୍ୱାରା ପଞ୍ଜିକୃତ ହୋଇଥିବା ସାର୍ଟିଫିକେଟ୍ , ଇ.ପି.ଏଫ୍. ଓ ଇ.ଏସ୍.ଆଇ ଇତ୍ୟାଦି ପଞ୍ଜିକରଣର ଜେରକ୍ସ କପି ଆବେଦନ ସମୟରେ ସଂଯୋଗ କରିବେ ଓ ଟେଣ୍ଡର ଖୋଲା ହେବା ସମୟରେ ଅରିଜିନାଲ ଦର୍ଶାଇବେ ନଚେତ୍ ଟେଣ୍ଡର ନାକଚ ହେବ । [illegible]

୯- ସମସ୍ତ ଗାର୍ଡ଼ମାନଙ୍କର ବୟସ ୩୫ ରୁ ୪୫ବର୍ଷ ମଧ୍ୟରେ ହେବା ସହିତ ଶିକ୍ଷାଗତ ଯୋଗ୍ୟତା ପ୍ଲସ୍ ଟୁ ପାସ୍ ବା ତଦୁର୍ଦ୍ଧ ହୋଇଥିବା ଆବଶ୍ୟକ ।

୧୦ ଟେଣ୍ଡରଧାରୀ ଗାର୍ଡ଼ମାନଙ୍କର ରହିବା ପାଇଁ ଘର, ୟୁନିଫର୍ମ ଓ ରାତ୍ରି ବ୍ୟବହାର ପାଇଁ ଟର୍ଚ୍ଚ ବ୍ୟବସ୍ଥା କରିବେ । ମନ୍ଦିର ତରଫରୁ କେବଳ ବ୍ୟାଟେରୀ ଯୋଗାଇଦିଆଯିବ ।

୧୧- ସିକ୍ୟୁରିଟି ସଂସ୍ଥା କୌଣସି ଧର୍ମାନୁଷ୍ଠାନରେ କାର୍ଯ୍ୟ କରିଥିବାର ଅଭିଜ୍ଞତା ପ୍ରମାଣପତ୍ର ଉକ୍ତ ସଂସ୍ଥାର ମୁଖ୍ୟଙ୍କ ନିକଟରୁ ଆଣି ଆବେଦନ ଫର୍ମ ସହିତ ଦେବେ ।

୧୨- ସମସ୍ତ ଗାର୍ଡ଼ ହିନ୍ଦୁ ସଂପ୍ରଦାୟର ଓ ନିଜ ଜିଲ୍ଲାର ନହୋଇ ପଡ଼ୋଶୀ ଜିଲ୍ଲାର ହେବା ଆବଶ୍ୟକ । ଗାର୍ଡ଼ ମାନଙ୍କର କାର୍ଯ୍ୟ ଦକ୍ଷତା ସନ୍ତୋଷ ଜନକ ନହେଲେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ ।

୧୩ ଟେଣ୍ଡର ନେଉଥିବା ବ୍ୟକ୍ତି କୌଣସି ପ୍ରକାର ଆଇନ୍‌ର ଆଶ୍ରୟ ନେଇପାରିବେ ନାହିଁ କିମ୍ବା ମନ୍ଦିର ପରିଚାଳନା କମିଟିର ବିରୁଦ୍ଧାଚରଣ କରିପାରିବେ ନାହିଁ । ପରିଚାଳନା କମିଟିର ନିଷ୍ପତ୍ତି ହିଁ ଚୂଡ଼ାନ୍ତ ନିଷ୍ପତ୍ତି ।

୧୪-ପରିଚାଳନା କମିଟି ଚାହିଁଲେ ବିନା କାରଣରେ ଏହି ଟେଣ୍ଡର ନାକଚ କିମ୍ବା ପରିବର୍ତ୍ତନ କରିପାରିବେ ।

ଉପଜିଲ୍ଲାପାଳ, କେନ୍ଦୁଝର-ତଥା-ସଭାପତି
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ, ଘଟଗାଁ, କେନ୍ଦୁଝର ।